**CSM – 1/21**

**Compulsory Paper – I**

**Odia Language**

*Time : 3 hours*

*Full Marks : 300*

*The figures in the right-hand margin indicate marks.*

*Candidates should attempt **all** questions.*

*Answer must be written in **Odia**.*

1. ନିମ୍ନଲିଖିତ ଯେକୌଣସି **ଗୋଟିଏ** ବିଷୟରେ ପ୍ରାୟ **ଏକ ହଜାର** ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : 100

   (କ) ଭାରତ ଏକ କଲ୍ୟାଣକାରୀ ରାଷ୍ଟ୍ର

   (ଖ) ସ୍ୱାସ୍ଥ୍ୟ ଏବଂ ପ୍ରଦୂଷଣ

   (ଗ) ଭାରତବର୍ଷରେ ଧର୍ମାନ୍ତରୀକରଣ

   (ଘ) କୃଷି ଏବଂ ଜଳବାୟୁ ପରିବର୍ତ୍ତନ

2. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟି** ରଢ଼ିକୁ ଉପଯୁକ୍ତ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର : 15

   (କ) ଆଖିରେ ଧୂଳିଦେବା

   (ଖ) ଅଲଣା କଥା

(ଗ) କୋକ ମୁହଁରେ ଲୁଣ

(ଘ) ତିନି ପାଞ୍ଜିରୁ ଯିବା

(ଙ) କୀରାରୁ ଶୀରା କାଢ଼ିବା

(ଚ) ଛୁଞ୍ଚିମାଛି ପରିକ୍ଷା

(ଛ) ଫସର ଫାଟିବା

3. ନିମ୍ନଲିଖିତ ବିଶେଷୋକ୍ତିଗୁଡ଼ିକରୁ ଯେକୌଣସି **ଦୁଇଟିର** ପ୍ରତ୍ୟେକକୁ **ଏକ ଶହ** ଶବ୍ଦ ମଧ୍ୟରେ ବ୍ୟାଖ୍ୟା କର : 20

(କ) ତୁଳସୀ ଦୁଇପତ୍ରରୁ ବାସେ

(ଖ) ଆକାଶ କଇଁଆ ଚିଲିକା ମାଛ

(ଗ) ହାତରେ ନ ମାରି ଭାତରେ ମାରିବା

(ଘ) ଅମୃତ ହାଣ୍ଡିରେ ବିଷ କଣିକାଏ

(ଙ) କାଳ ଆଗରେ ମୂଳା ବୋବାଇବା

(ଚ) ଘୋଡ଼ା ଛ'ଟଙ୍କାକୁ ଦାନା ନ'ଟଙ୍କା

(ଛ) ଧୀର ପାଣି ପଥର କାଟେ

4. ନିମ୍ନଲିଖିତ ଯେକୌଣସି **ପାଞ୍ଚଗୋଟିକୁ** ଏକପଦରେ ପ୍ରକାଶ କର : 15

(କ) ଯାହାକୁ ଦୁଃଖରେ ଲାଭ କରାଯାଏ

(ଖ) ଗ୍ରହଣ କରେ ଯେ

(ଗ) ବିଘ୍ନର ଅଭାବ

Sleepy Classes IAS
Awakening Toppers

(ଘ) ପାଦଠାରୁ ଆରମ୍ଭ କରି ମସ୍ତକ ପର୍ଯ୍ୟନ୍ତ

(ଙ) ନାହିଁ ଆକାର ଯାହାର

(ଚ) ଇତିହାସ ଜାଣନ୍ତି ଯେ

(ଛ) ଯାହା କରିବା ଉଚିତ

5. ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ **ପାଞ୍ଚଟିର** ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 10

(କ) ଚିର – ଚୀର

(ଖ) ସୂଚୀ – ଶୁଚି

(ଗ) କୁଳ – କୂଳ

(ଘ) କୁଜନ – କୂଜନ

(ଙ) ସତ – ଶତ

(ଚ) ନିତି – ନୀତି

(ଛ) ପ୍ରସ୍ତ – ପ୍ରସ୍ଥ

6. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ଅର୍ଥ ଲେଖି ବାକ୍ୟ ଗଠନ କର : 10

(କ) ଅଗାଡ଼ି

(ଖ) ପଇଟି

(ଗ) କଂସେଇ

(ଘ) ପାଇଟି

Sheepy Classes
Awakening Toppers

(ଙ) କାଞ୍ଜି

(ଚ) ନେହୁରା

(ଛ) ମଡ଼ିଆ

7. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ବିପରୀତାର୍ଥ ଶବ୍ଦ ଲେଖି ବାକ୍ୟ ଗଠନ କର : 10

(କ) ଅନୁରକ୍ତି

(ଖ) ପ୍ରାଜ୍ଞ

(ଗ) ଦୟାଳୁ

(ଘ) ହ୍ରସ୍ୱ

(ଙ) ଜୁଆର

(ଚ) ପୁରସ୍କାର

(ଛ) ବଳକା

8. ନିମ୍ନଲିଖିତ ଯେକୌଣସି **ପାଞ୍ଚଟି** ଶବ୍ଦର ଗୋଟିଏ ଲେଖାଏଁ ସମାର୍ଥବୋଧକ ଶବ୍ଦ ଲେଖି ବାକ୍ୟରେ ବ୍ୟବହାର କର : 10

(କ) ଅନଳ

(ଖ) କାନନ

(ଗ) ପର୍ବତ

(ଘ) ସୂର୍ଯ୍ୟ

Sleepy Classes IAS
Awakening Toppers

(ଙ) ପ୍ରାସାଦ

(ଚ) ହଳଦିଆ

(ଛ) ନୌକା

9. ନିମ୍ନଲିଖିତ ବିଗ୍ରହ ବାକ୍ୟକୁ ସମାସ କରି ଯେକୌଣସି ପାଞ୍ଚଗୋଟିର ସମସ୍ତପଦ ଲେଖ : 10

(କ) ପଦ୍ମ ନାଭିରେ ଯାହାର ସେ

(ଖ) ମହତ୍ ଯଶ ଯାହାର ସେ

(ଗ) ନାହିଁ କଳଙ୍କ ଯାହାର ସେ

(ଘ) ଚଉପଦର ସମାହାର

(ଙ) ପର ଓ ପର

(ଚ) ନର ଇନ୍ଦ୍ର ପରି

(ଛ) ମିଥ୍ୟା କହେ ଯେ

10. ନିମ୍ନ ପରିଚ୍ଛେଦଟିକୁ ପାଠକରି ପରିଚ୍ଛେଦ ଶେଷରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 30

'ସ୍ନାନମଣ୍ଡପ' ଜଗନ୍ନାଥ ମନ୍ଦିରର ଆନନ୍ଦ ବଜାର (ଯେଉଁଠାରେ ମହାପ୍ରସାଦ ବିକ୍ରୟ ହୁଏ) ନିକଟରେ ଅବସ୍ଥିତ । ଏହାର ଦୈର୍ଘ୍ୟ ପ୍ରସ୍ଥ ୭୫ ଫୁଟ । ଏହା ଉପରେ ଜଗନ୍ନାଥ, ବଳଭଦ୍ର ପ୍ରଭୃତି ବିଗ୍ରହମାନଙ୍କୁ ବସାଇବା ପାଇଁ ସିଂହାସନ ନିର୍ମାଣ କରାଯାଇଛି । ସିଂହାସନକୁ ଯିବାକୁ ବେଦୀ ଉପରେ ପୃଥକ ପାହାଚମାନ ଅଛି । ସେହିପରି ମଣ୍ଡପ ଉପରକୁ

Sleepy Classes IAS
Awakening Toppers

ଆନନ୍ଦ ବଜାରକୁ ଯିବାପାଇଁ ଉତ୍ତର ଓ ଦକ୍ଷିଣ ଦିଗରେ ପାହାଚମାନ ଅଛି । ଏହି ମଣ୍ଡପଟି ଅତ୍ୟନ୍ତ ଉଚ୍ଚ ହୋଇଥିବାରୁ ଅନେକ ତଳରେ ଥିବା ସିଂହଦ୍ୱାରର ଯେକୌଣସି ଅଂଶରୁ ପୂରା ମଣ୍ଡପଟି ଦେଖାଯାଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ରଥଯାତ୍ରାରେ ଯେ ଶ୍ରୀମନ୍ଦିରରୁ ବାହାରେ ବିଜେ ହୋଇ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଦେଖା ଦିଅନ୍ତି ତାହା ନୁହେଁ, ଏହି ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରର ବେଷ୍ଟନୀ ମଧ୍ୟରେ ଥାଇ ସୁଦ୍ଧା ସେହିପରି ସମସ୍ତଙ୍କୁ ଦର୍ଶନ ଦିଅନ୍ତି । କେବଳ ସେତିକି ନୁହେଁ, ଏହି ଦିନ ଶ୍ରୀଜଗନ୍ନାଥଙ୍କୁ ଧୂପମାନଙ୍କରେ ସିଂହାସନ ତଳେ, କିମ୍ବା 'ଉଅଁଣ୍ଡ' ସମୟରେ ଭୋଗ ମଣ୍ଡପ ଘରେ, ଲୋକଲୋଚନର ଅଗୋଚରରେ ଯେଉଁ ଭୋଗ ବା ପ୍ରସାଦ ମଣୋହି ହୁଏ, ତାହାର ବ୍ୟତିକ୍ରମ ଘଟି, ସର୍ବସାଧାରଣଙ୍କ ଦୃଷ୍ଟିରେ ଥାଇ ମଧ୍ୟ ଭୋଗ କରାଯାଏ । ସତେ ଯେପରି ବିଶ୍ୱବ୍ରହ୍ମାଣ୍ଡର ପ୍ରତୀକ ଚକାନୟନ ତାର ଛପନ ପଉଟି ଭୋଗକୁ ସର୍ବସାଧାରଣଙ୍କ ସମ୍ମୁଖରେ ମେଲି ଦେଇ କହି ଚାଲେ, ''ହେ ଭକ୍ତଗଣ ! ତୁମ ମୋ ଭିତରେ କିଛି ଦୂରତ୍ୱ ନାହିଁ, ନାହିଁ କିଛି ବିଭେଦ ବା ଗୋପନୀୟତା ! ଏପରିକି ଖାଇବା ସମୟରେ ମଧ୍ୟ, ତୁମେ ସବୁ ମୋର ଅତ୍ୟନ୍ତ ନିକଟତର ବ୍ୟକ୍ତି ।'' ଜାତି, ଧର୍ମ ନିର୍ବିଶେଷରେ ସୁଆରମାନଙ୍କ ପାଇଁ ଏହି ସ୍ଥାନର ବିଶେଷତ୍ୱ ଯେ ଯେଉଁ ସୁଆର ବଡ଼ ହୋଇ ନୂଆକରି ପାଳି ଖଟନ୍ତି, ସିଏ ପ୍ରଥମେ ଏହି ସ୍ନାନବେଦୀକୁ ଛେକ ବୋହିକରି ନିଅନ୍ତି ଏବଂ ତାହାହିଁ ତାଙ୍କର 'ଶାଢ଼ିବନ୍ଧା' ଅର୍ଥାତ୍ ସେବାପାଇଁ ଅନୁମତି ବୋଲି ପ୍ରାମାଣିକ ଅର୍ଥରେ ଧରି ନିଆଯାଏ । ସେ ଦେଶର ସଭ୍ୟତା କଳିଙ୍ଗ ଭୂମିରୁ ପ୍ରଥମେ ଆସିଥିବା

ବର୍ତ୍ତମାନ ଏହି ସ୍ନାନ ଉତ୍ସବର ତାତ୍ପର୍ଯ୍ୟ ବିଚାର କରାଯାଉ । ଜ୍ୟେଷ୍ଠମାସ ଶୁକ୍ଳ ଦଶମୀଠାରୁ ଭାରତଭୂମିର ସମସ୍ତ ତୀର୍ଥ ସମାଗମ ହୁଅନ୍ତି ଶ୍ରୀକ୍ଷେତ୍ରରେ, ତାହା ପୁଣି ସୁନା କୂଅରେ ଯାହାକି ବଡ଼ଦେଉଳର ଉତ୍ତରଦ୍ୱାର ନିକଟସ୍ଥ ଶୀତଳା ଠାକୁରାଣୀ ମନ୍ଦିର ନିକଟରେ ଅବସ୍ଥିତ । ଏହି ସୁନା କୂଅରୁ ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ସୁନାଗୋସାଇଁ ଓ ମୁଦିରଥ ୧୦୮ଗୋଟି ନୂତନ କୁମ୍ଭରେ ଗରାବଡୁ ସେବକମାନଙ୍କ ଦ୍ୱାରା ଜଳ ଅଣାଇ ଭୋଗମଣ୍ଡପରେ, ଅଧିବାସ କରି ରଖନ୍ତି । ଘଟୁଆରି ଚନ୍ଦନ ଘୋରି କର୍ପୂର, କେଶର ଓ ଗୁଆ ଇତ୍ୟାଦି ଏହି ଜଳରେ ମିଶେଇ, ଏହାକୁ ଅତ୍ୟନ୍ତ ସୁଗନ୍ଧିତ କରିଥାଆନ୍ତି । ଗରାବଡୁମାନେ ୧୦୮ କୁମ୍ଭ ଉପରେ ୧୦୮ଟି ନଡ଼ିଆ ଓ ୧୦୮ ଖଣ୍ଡ କରିଆ ରଖନ୍ତି । ତେଣେ ଏହି ପୂର୍ବଦିନ ରାତିରେ ବଡ଼ସିଂହାର ପରେ ଠାକୁରମାନଙ୍କର ପହୁଡ଼ କରା ନ ଯାଇ ଶ୍ରୀମୁଖରେ ଖଣ୍ଡୁଆ ପକାଯାଏ ଅର୍ଥାତ୍ ମୁହଁରେ ଲୁଗାଘୋଡ଼ାଇ ଦିଆଯାଏ । ପରେ କୋଠସୁଆଁସିଆମାନେ ରତ୍ନସିଂହାସନରୁ ଠାକୁରମାନେ ବିଜେ କରିବା ପାଇଁ କଳାହାଟ ଦୁଆର ଠାରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଚାରମାଳ (ଶିଡ଼ି) ବାନ୍ଧନ୍ତି । ପୂର୍ବରୁ ସେମାନେ ମଧ୍ୟ ସ୍ନାନମଣ୍ଡପରେ ଚାନ୍ଦୁଆ ଇତ୍ୟାଦି ବାନ୍ଧି ସାଜସଜ୍ଜା କରିଥାଆନ୍ତି । ପୂର୍ଣ୍ଣିମା ଦିନ ସକାଳୁ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦ୍ରା ହସ୍ତ ତିନିଠାକୁରଙ୍କ ବାଡ଼ରେ ମଙ୍ଗଳାର୍ପଣ କରିବା ପରେ ଦଇତାମାନେ (ଯେଉଁମାନଙ୍କୁ କି ବିଶ୍ୱାବସୁଙ୍କ ବଂଶଧର ବୋଲି କୁହାଯାଏ ବା 'ଦୈତ୍ୟ' ଶବ୍ଦର ହୁଏତ ଅପଭ୍ରଂଶ ହୋଇପାରେ) ଠାକୁରମାନଙ୍କ ଦେହରେ ଡୋରି

ଲାଗି କରନ୍ତି । ପରେ ପରେ ଘଣ୍ଟ କାହାଳୀ ଓ ବାଦ୍ୟ ବାଜି ଉଠେ । ଛତିତରାସ ଇତ୍ୟାଦି ଧରାହୁଏ । ଅପୂର୍ବ ବାଦ୍ୟ ଶବ୍ଦ ସାଙ୍ଗକୁ ଅପୂର୍ବ ଦୃଶ୍ୟ ପରିବେଶରେ ଉଦ୍‌ଭାସିତ ହୋଇ ଉଠେ । ଭକ୍ତର ହୃଦୟ କନ୍ଦରର ଆକାଙ୍‌କ୍ଷିତ ପହଣ୍ଡି ବିଜେ ଆରମ୍ଭ ହୁଏ । ଏହିଦିନ ଧାଡ଼ି ପହଣ୍ଡି ହୁଏ । ଗୋଟି ପହଣ୍ଡି ନୁହେଁ । ବିଗ୍ରହମାନେ ଗୋଟିଏ ପରେ ଗୋଟିଏ ଏକାଠି ବିଜେ ହେଲେ ଧାଡ଼ି ପହଣ୍ଡି କହନ୍ତି । ନଚେତ୍ ଗୋଟିଏ ବିଗ୍ରହଙ୍କୁ ଲକ୍ଷ୍ୟସ୍ଥାନରେ ପହଞ୍ଚାଇ ସାରିଲା ପରେ, ଅନ୍ୟ ବିଗ୍ରହ ତାଙ୍କ ଆସନ ଛାଡ଼ିଲେ, ତାହାକୁ ଗୋଟି ପହଣ୍ଡି କହନ୍ତି । ପ୍ରଥମେ ଶ୍ରୀସୁଦର୍ଶନ ସ୍ନାନବେଦୀକୁ ବିଜେ ହୁଅନ୍ତି । ପରେ ପରେ କ୍ରମ ଅନୁସାରେ ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା, ଶ୍ରୀଜଗନ୍ନାଥ ଓ ମଦନମୋହନ ବିଜେ ହୁଅନ୍ତି । ମଦନମୋହନଙ୍କୁ କେବଳ ବ୍ରାହ୍ମଣ ସେବାୟତ ଗୋଷ୍ଠୀର ମହାଜନମାନେ ବିଜେ କରାଇବେ, ଅନ୍ୟ ଠାକୁରମାନଙ୍କୁ ମୁଖ୍ୟତଃ ଦଇତାସେବକମାନେ ବିଜେ କରାନ୍ତି ।

ପ୍ରଶ୍ନାବଳୀ :

(କ) 'ସ୍ନାନମଣ୍ଡପ' ର ନିର୍ମାଣଶୈଳୀ ଓ ଗୁରୁତ୍ୱ ସଂପର୍କରେ ବର୍ଣ୍ଣନା କର ।

(ଖ) ଜାତି, ଧର୍ମ ନିର୍ବିଶେଷରେ ସୁଆରମାନଙ୍କ ପାଇଁ ସ୍ନାନର ବିଶେଷତ୍ୱ କ'ଣ ?

(ଗ) ସ୍ନାନପୂର୍ଣ୍ଣିମାର ପୂର୍ବଦିନ କିପରି ନୀତି-ନିୟମ ମଧ୍ୟରେ ପତିତପାବନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଯାଇଥାଏ ?

(ଘ) ସ୍ନାନପୂର୍ଣ୍ଣିମା ଦିନ ସକାଳୁ କିପରି ଆଡ଼ମ୍ବର ମଧ୍ୟରେ ପ୍ରଭୁଙ୍କର ପହଣ୍ଡିବିଜେ ଆରମ୍ଭ ହୁଏ ?

(ଙ) ସ୍ନାନପୂର୍ଣ୍ଣିମା ଦିନ ଛପନ ପଉଟି ଭୋଗକୁ ନେଇ ପତିତପାବନଙ୍କ ମହାନୁଭବତା ସଂପର୍କରେ ଭକ୍ତମାନେ କିପରି ଅନୁଭବ କରନ୍ତି ?

11. ନିମ୍ନଲିଖିତ ପରିଚ୍ଛେଦଟିର ସାରାଂଶ ନିଜ ଭାଷାରେ ପ୍ରାୟ ଏକ ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ । ଏହାର ଏକ ନାମ ପ୍ରଦାନ କର, ଶେଷରେ ବ୍ୟବହୃତ ଶବ୍ଦ ସଂଖ୍ୟା ଉଲ୍ଲେଖ କର : 40

ଇତିହାସ ଅତୀତ, ବର୍ତ୍ତମାନ ଓ ଅନାଗତକାଳ ମଧ୍ୟରେ ସଂଯୋଗକାରୀ । ତେଣୁ ଇତିହାସକୁ ସଦାସର୍ବଦା ନିରପେକ୍ଷ ଏବଂ ବାସ୍ତବ ଦୃଷ୍ଟିକୋଣରୁ ବିଚାର କରିବା ଉଚିତ । ତା ହେଲେ ଇତିହାସରୁ ପ୍ରକୃତ ଶିକ୍ଷା ଆହରଣ କରିବା ସମ୍ଭବପର ହେବ । ଇତିହାସ ଅଧ୍ୟୟନ କାଳରେ ଭାରତର ସଭ୍ୟତା ଓ ସଂସ୍କୃତିକୁ ଓଡ଼ିଶାର ନିର୍ଦ୍ଦିଷ୍ଟ ଅବଦାନ ବିଷୟରେ ଅନୁଧ୍ୟାନ କରାଯିବା ଉଚିତ । କଳିଙ୍ଗ, କୋଙ୍ଗଦ, ଉଡ୍ର, ଉତ୍କଳ ଓ କୋଶଳ ଇତ୍ୟାଦି ନାମରୁ ଓଡ଼ିଶାର ପ୍ରାଚୀନ ଭୌଗଳିକ ଅବସ୍ଥିତି ସୂଚିତ ହୋଇଥାଏ । ଭାରତର ଉତ୍ତର ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଓଡ଼ିଶା ସାଂସ୍କୃତିକ ସଂଯୋଗ ରକ୍ଷା କରିଛି । ଉତ୍ତରରୁ ଦକ୍ଷିଣକୁ ଏବଂ ଦକ୍ଷିଣାଞ୍ଚଳରୁ ଉତ୍ତରାଞ୍ଚଳକୁ ଯାତ୍ରା କରିଥିବା ବହୁ ସାଧୁସନ୍ଥ ଓ ଦାର୍ଶନିକଙ୍କର ଅବଦାନରେ ଓଡ଼ିଶାର ସଂସ୍କୃତି ପରିପୁଷ୍ଟ । ଓଡ଼ିଶା ମଧ୍ୟଦେଇ ଉତ୍ତର ଓ ଦକ୍ଷିଣ ମଧ୍ୟରେ ବହୁ ସାମରିକ ଅଭିଯାନ କଥା ଇତିହାସରୁ ପ୍ରତିପାଦିତ ହୁଏ । ତାହାଛଡ଼ା ଉତ୍ତର ଓ ଦକ୍ଷିଣ ମଧ୍ୟରେ

ବହୁ ଜାତି, ବହୁ ସଂସ୍କୃତିର ଗମନାଗମନର କେନ୍ଦ୍ର ହେଉଛି ଓଡ଼ିଶା । ସେହିପରି ଓଡ଼ିଶା ହେଉଛି ବ୍ୟବସାୟ ବାଣିଜ୍ୟର ଗତିପଥ । ଏହିସବୁ କାରଣରୁ ଭାରତର ସାଂସ୍କୃତିକ ଇତିହାସରେ ଓଡ଼ିଶା ଏକ ମୁଖ୍ୟ ଭୂମିକା ଗ୍ରହଣ କରିପାରିଥିଲା ।

ଭାରତ ବାହାରେ ବିଶେଷତଃ ଦକ୍ଷିଣପୂର୍ବ ଏସିଆରେ ଭାରତୀୟ ସଂସ୍କୃତିର ବାହକ ଭାବରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ତ୍ରୟୋଦଶ ଶତାବ୍ଦୀରେ ଶ୍ରୀଲଙ୍କାରେ କଳିଙ୍ଗ ରାଜବଂଶ ରାଜତ୍ୱ କରିଥିବା ଇତିହାସରୁ ଜଣାପଡ଼େ । ସେହି ରାଜ୍ୟରେ କଳିଙ୍ଗ ଜାତି ବହୁ କେନାଲ ଏବଂ ଜଳସେଚନ ପ୍ରଣାଳୀର ବିକାଶ ସାଧନ କରି ଲୋକମାନଙ୍କୁ ଉପକୃତ କରିଥିଲେ । ବୌଦ୍ଧ ଗ୍ରନ୍ଥ 'ମହାବଂଶ' ରୁ ମିଳେ ଯେ କଳିଙ୍ଗର କନ୍ୟା ସୁସୀମାଙ୍କର ପୌତ୍ର ବିଜୟ ସିଂହଳରେ ରାଜା ହୋଇ ସେ ଦେଶରେ ଭାରତୀୟ ସଭ୍ୟତାର ଆଲୋକ ବିକିରଣ କରି ଥିଲେ । ମହାବଂଶରୁ ଜଣାପଡ଼େ ଯେ ବୁଦ୍ଧଙ୍କର ଦନ୍ତ ଧାତୁ କଳିଙ୍ଗରୁ ଶ୍ରୀଲଙ୍କାକୁ ଅଣାଯାଇଥିଲା । କଳିଙ୍ଗର ରାଜା ଗୁହଶିବଙ୍କର କନ୍ୟା ହେମମାଳା ବୁଦ୍ଧଙ୍କର ସେହି ପବିତ୍ର ଦନ୍ତ କଳିଙ୍ଗର ରାଜଧାନୀ ଦନ୍ତପୁରରୁ ଶ୍ରୀଲଙ୍କାକୁ ଆଣିଥିଲେ । ବୁଦ୍ଧଙ୍କର ସର୍ବପ୍ରଥମ ଉପାସକ ବା ଗୃହୀ ଶିଷ୍ୟ ହେଉଛନ୍ତି ଉତ୍କଳର ଦୁଇଜଣ ବଣିକ ତପସୁ ଏବଂ ଭଲ୍ଲିକ । ଏବେ ମଧ୍ୟ ଫିଲିପାଇନ୍ସରେ 'କଳିଙ୍ଗ ଅପେୟାଓ' ନାମକ ଏକ ପ୍ରଦେଶ ରହିଛି । ବ୍ରହ୍ମ ଦେଶର ପ୍ରାଚୀନ ସାହିତ୍ୟରେ ଶ୍ରୀକ୍ଷେତ୍ର ନାମକ ଏକ ପ୍ରାଦେଶିକ ସହରର ନାମୋଲ୍ଲେଖ କରାଯାଇଛି । ଇଣ୍ଡୋନେସିଆର ଐତିହାସିକମାନେ

Sleepy Classes
Awakening Toppers

କଥା ପ୍ରମାଣିତ କରିଛନ୍ତି । ଇଣ୍ଡୋନେସିଆର 'ବରୋବୁଦୁର' ଠାରେ ବିକାଶ ପାଇଥିବା କଳା ଓ ସ୍ଥାପତ୍ୟର ଘନିଷ୍ଠ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । ଓଡ଼ିଶାର ଶୈଳୋଦ୍ଭବ ରାଜବଂଶର ଏକ ଶାଖା ଜାଭା ଏବଂ ସୁମାତ୍ରାକୁ ଯାଇ ଶୈଳେନ୍ଦ୍ର ନାମରେ ପରିଚିତ ହୋଇଥିଲେ ଏବଂ ସେମାନେ ଉକ୍ତ ଅଞ୍ଚଳରେ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ଗଠନ କରି ତତ୍‌କାଳୀନ ଦକ୍ଷିଣ-ପୂର୍ବ ଏସିଆର ଇତିହାସରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ଦକ୍ଷିଣ-ପୂର୍ବ ଏସିଆର ଇତିହାସ ଏବଂ ସଂସ୍କୃତି ପ୍ରତି ଓଡ଼ିଶାର ଏହିସବୁ ମହାନ୍ ଅବଦାନ ଓଡ଼ିଶାର ନୌବାଣିଜ୍ୟର ଇତିହାସରେ ପ୍ରାମାଣିକ ଭାବରେ ଲିପିବଦ୍ଧ ହେବା ଉଚିତ । ଏଥିପାଇଁ ବାସ୍ତବ ଏବଂ ନିରପେକ୍ଷ ଗବେଷଣା ଆବଶ୍ୟକ ଏବଂ ଏହା ଓଡ଼ିଶା ଇତିହାସ ପ୍ରତି ଏକ ଆହ୍ୱାନ ।

ଭାରତର ଇତିହାସ ଓ ସଂସ୍କୃତି ପ୍ରତି ଓଡ଼ିଶାର ମହାନ୍ ଅବଦାନର କଥା ଆଲୋଚନା କଲେ ଜଣାପଡ଼େ ଯେ ଧର୍ମ, କଳା, ସ୍ଥାପତ୍ୟ ଓ ଚିତ୍ରବିଦ୍ୟା, ନୃତ୍ୟ, ସଙ୍ଗୀତ ଏବଂ ସାହିତ୍ୟ ଓ ଲୋକ କଥା ଆଦି ପ୍ରତ୍ୟେକ କ୍ଷେତ୍ରରେ ସେହି ଅବଦାନର ସ୍ପଷ୍ଟ ପ୍ରଭାବ ପରିଲକ୍ଷିତ ହୁଏ । ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ବୈଦିକ ଧର୍ମ ଓ ସାହିତ୍ୟର ପ୍ରଚଳନ ଥିଲା ଏବଂ ବେଦର ଯେଉଁ କେତେକ ଲୁପ୍ତାଂଶ ଓଡ଼ିଶାରେ ଆବିଷ୍କୃତ ହୋଇଅଛି, ତନ୍ମଧ୍ୟରୁ ଶୁକ୍ଳ ଯଜୁର୍ବେଦର ସାୟଣ ଭାଷ୍ୟ ଏବଂ ଅଥର୍ବବେଦର ପିପ୍ପଳାଦ ଶାଖା ଉଲ୍ଲେଖଯୋଗ୍ୟ ।

Sleepy Classes
Awakening Topper

କଳା, ସ୍ଥାପତ୍ୟ, ଚିତ୍ରବିଦ୍ୟା, ସଙ୍ଗୀତ ଓ ସାହିତ୍ୟ କ୍ଷେତ୍ରରେ ଓଡ଼ିଶା ଯେ ଭାରତର ସାଂସ୍କୃତିକ ପରଂପରାକୁ ବହୁଭାବରେ ସମୃଦ୍ଧ କରିଅଛି ତାହା ଇତିପୂର୍ବେ କୁହାଯାଇଅଛି । ଉଦୟଗିରିର ରାଣୀଗୁମ୍ଫା ଏବଂ ଖଣ୍ଡଗିରିର ଅନନ୍ତଗୁମ୍ଫା ଠାରେ ଯେଉଁ ଖୋଦନ କଳା ବିଦ୍ୟମାନ, ତହିଁରେ ବରହୁତ ଏବଂ ସାଞ୍ଚିଠାରେ ପ୍ରକାଶ ପାଇଥିବା କଳାର ଅଗ୍ରଗାମୀ ସଙ୍କେତ ପରିଲକ୍ଷିତ ହୁଏ । ପରବର୍ତ୍ତୀ କାଳରେ ରତ୍ନଗିରିଠାରେ ପୂର୍ବଭାରତୀୟ ବୌଦ୍ଧକଳାର ଏକ ଉନ୍ନତ କେନ୍ଦ୍ରର ବିକାଶ ଘଟିଥିଲା ଏବଂ ସେଠାରେ ପ୍ରସ୍ତର ଖୋଦନ ଓ ପ୍ରତିମା ନିର୍ମାଣର ଚରମ ଉତ୍କର୍ଷ ସାଧିତ ହୋଇଥିଲା । ମଧ୍ୟଯୁଗରେ ଓଡ଼ିଶାରେ ଯେଉଁ ଚାରୁକଳାଯୁକ୍ତ ମନ୍ଦିରମାନ ନିର୍ମିତ ହୋଇଥିଲା, ତାହାର ସ୍ଥାନ ଭାରତୀୟ ସ୍ଥାପତ୍ୟରେ ଅଦ୍ୱିତୀୟ ଓ କୋଣାର୍କର ସୂର୍ଯ୍ୟମନ୍ଦିର ତା'ର ଚରମ ବିକାଶ । ପ୍ରାଚୀନ ଚିତ୍ରବିଦ୍ୟା କ୍ଷେତ୍ରରେ ସୀତାବିଞ୍ଜିଠାରେ ଥିବା ଚିତ୍ରର ନୈପୁଣ୍ୟ ସମଗ୍ର ଭାରତରେ ବିରଳ । ଅଜନ୍ତାର କେତେକ ଗୁମ୍ଫାରେ ଥିବା ଚିତ୍ରକଳା ସହିତ ଏହା ତୁଳନୀୟ । ବହୁ ପ୍ରାଚୀନ କାଳରୁ କଳିଙ୍ଗରେ ନୃତ୍ୟ ଓ ସଙ୍ଗୀତକଳାର ବିକାଶ ସାଧିତ ହୋଇଥିଲା ଏବଂ ହାତୀଗୁମ୍ଫା ଅଭିଲେଖରୁ ଜଣାଯାଏ ଯେ ସମ୍ରାଟ ଖାରବେଳ ନିଜେ ଗାନ୍ଧର୍ବ ବେଦରେ ପ୍ରବୀଣ ଥିଲେ । ମଧ୍ୟଯୁଗରେ ଦଣ୍ଡୀ ମହାଦେବୀ, କୋଳାବତୀ ଦେବୀ ଏବଂ ଚନ୍ଦ୍ରିକା ଦେବୀ ଆଦି ରାଜପରିବାରର ମହିଳାମାନେ ସଙ୍ଗୀତକଳାରେ ବିଶେଷ

ଖ୍ୟାତି ଅର୍ଜନ କରିଥିଲେ । ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତର ପରମ୍ପରା ଅତି ପ୍ରାଚୀନ ଥିବା ଜଣାପଡ଼େ ଏବଂ କଳାକ୍ଷେତ୍ରରେ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ ହେଉଛି ଓଡ଼ିଶାର ବିଶିଷ୍ଟ ଅବଦାନ । ସାହିତ୍ୟ କ୍ଷେତ୍ରରେ ଯେଉଁ କବି ଓ ଲେଖକମାନେ ବିଶେଷ ପ୍ରସିଦ୍ଧି ଅର୍ଜନ କରିଅଛନ୍ତି, ସେମାନଙ୍କ ମଧ୍ୟରେ ଗୀତଗୋବିନ୍ଦର କବି ଶ୍ରୀଜୟଦେବ, ସାହିତ୍ୟ ଦର୍ପଣର ଲେଖକ ବିଶ୍ୱନାଥ କବିରାଜ, ଏକାବଳୀର ଲେଖକ ବିଦ୍ୟାଧର, 'ଶ୍ରୀମଦ୍ଭାଗବତ'ର ବ୍ୟାଖ୍ୟାକାର ଶ୍ରୀଧର ସ୍ୱାମୀ, 'ପ୍ରବୋଧ ଚନ୍ଦ୍ରୋଦୟ' ର ଲେଖକ କୃଷ୍ଣମିଶ୍ର, 'ବେଣୀସଂହାର'ର ରଚୟିତା ଭଟ୍ଟନାରାୟଣ, 'ନୈଷଧ କାବ୍ୟ'ର ଲେଖକ ଶ୍ରୀହର୍ଷ ଏବଂ ସୁବିଖ୍ୟାତ 'ଗୋବିନ୍ଦ ଭାଷ୍ୟ' ପ୍ରଣେତା ବଳଦେବ ବିଦ୍ୟାଭୂଷଣଙ୍କର ନାମ ବିଶେଷରୂପେ ଉଲ୍ଲେଖଯୋଗ୍ୟ । ଓଡ଼ିଶା ସଂସ୍କୃତ ସାହିତ୍ୟର ବିକାଶରେ ଏକ ମୁଖ୍ୟ ଅଂଶ ଗ୍ରହଣ କରିଥିଲା । ଏବେ ସୁଦ୍ଧା ବହୁ ଗ୍ରନ୍ଥ ଅପ୍ରକାଶିତ ଏବଂ ଅସମ୍ପାଦିତ ହୋଇ ରହିଅଛି ।

12. ଓଡ଼ିଆରେ ଅନୁବାଦ କର : 30

Beginning with Prof. de Nicolas's words, a warrior must be prepared not only to fight but risk his life. "For a warrior everything is mortally dangerous . A trap hides behind every door, every

bush, every branch ; but in order to be trapped, a warrior must be willing". In the present times, probably a person wishing to join military will be asked to sign a statement acknowledging the risk.

Is it right on the part of Dronacharya to assume or simply honour the words of Ekalavya knowing the enormous risks for himself, his family and everyone around him, even when he is convinced of the capabilities of the former.

Dronacharya refused to teach archery to Karna on similar grounds.

Asking for thumb as gurudakshina from Ekalavya is harsh. Some argue that the intention behind this request was to ensure that Arjuna retained his superiority in Archery. This may be one of the reasons but examination of further evidence indicates that for Dronacharya, the interest of the society is far more important than

those of an individual even when that person is his own son.

Dronacharya gave 'Brahmastra' regarded as the most powerful 'annihilate everything' weapon to Arjuna, a Kshatriya, preferring over his own son Aswathama, a Brahmin because he found Arjuna to be more qualified in qualities like judgement over proper use of the weapon, temperament etc. Dronacharya taught his son only the 'Launch' but not the 'reversal'. But for an 'all destroy' weapon, unless one knows reversal to save his own side, it is useless.

Thereby he clearly established that his interests over humanity over-weigth his own personal or self-interests. His conviction about Arjuna's qualities abundantly came true before the beginning of the war when Arjuna refused to fight giving the reason of loss of life.

Those who wish to question the judgements or actions of Dronacharya should be able to convince the world that they are equal or better in

knowledge about weapons or the destruction they can cause, his intellect reflected in his conviction about Arjuna and its proper use for saving the humanity and the last but not the least, his ability to place society's interests before his own interests.

Sleepy Classes IAS
Awakening Toppers